ଦିଲୱାନ ସିଂ ଏବଂ  ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ବନାମ

ହରିୟାଣା ରାଜ୍ୟ ଏବଂ  ଅନ୍ୟମାନେ ଇତ୍ୟାଦି

ମାର୍ଚ୍ଚ 25, 1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ହରିୟାଣା ରାଜ୍ୟ ସରକାରଙ୍କ ଅଧୀନରେ  ନିଯୁକ୍ତି- ପୂର୍ବତନ ସୈନିକଙ୍କ ପାଇଁ ସଂରକ୍ଷଣ- ପୂର୍ବତନ ସୈନିକଙ୍କ ଉପଲବ୍ଧତାର ଅନୁପସ୍ଥିତିରେ ପୂର୍ବତନ ସୈନିକଙ୍କ ନିର୍ଭରଶୀଳ ପିଲାମାନଙ୍କୁ ବିଚାର କରିବା ପାଇଁ ସରକାରୀ ନିର୍ଦ୍ଦେଶ- ଚୟନ ବୋର୍ଡ ଯୋଗ୍ୟତା ଅନୁଯାୟୀ ବିଚାର ପାଇଁ ପୂର୍ବତନ ସୈନିକ ଏବଂ ପୂର୍ବତନ ସୈନିକଙ୍କ ନିର୍ଭରଶୀଳ ପିଲାମାନଙ୍କୁ ଏକାଠି ଡକେଇବା- ପ୍ରାର୍ଥୀମାନେ ପୂର୍ବତନ ସୈନିକମାନଙ୍କ ଉପରେ ନିର୍ଭରଶୀଳ କି ନାହିଁ ତାହା ଚିହ୍ନଟ କରିବା ପାଇଁ ସୈନିକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ଉପରେ ଚୟନ ବୋର୍ଡର ନିର୍ଭରଶୀଳତା- କୁହାଗଲା, ଚୟନ ବୋର୍ଡ ପ୍ରଥମେ ପୂର୍ବତନ ସୈନିକଙ୍କ ଯୋଗ୍ୟତା ଉପରେ ସ୍ୱାଧୀନ ଭାବରେ ବିଚାର କରିବା ଉଚିତ ଏବଂ ଅବଶିଷ୍ଟ ଖାଲି ପଦବୀ ପାଇଁ ଚୟନ ପୂର୍ବତନ ସୈନିକଙ୍କ ନିର୍ଭରଶୀଳ ପିଲାମାନଙ୍କ ମଧ୍ୟରୁ କରାଯିବା ଉଚିତ- ନିଯୁକ୍ତି ସଂସ୍ଥା ଭାବରେ ଚୟନ ବୋର୍ଡର ଜଣେ ପ୍ରାର୍ଥୀ ଜଣେ ପୂର୍ବତନ ସୈନିକଙ୍କ ନିର୍ଭରଶୀଳ ପୁଅ/ଝିଅ କି ନାହିଁ ତାହା ଯାଞ୍ଚ କରିବା ଏକ କର୍ତ୍ତବ୍ୟ ଏବଂ ଏହା କେବଳ ସୈନିକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ଉପରେ ନିର୍ଭର କରି ଏହାର କାର୍ଯ୍ୟକୁ ପରିତ୍ୟାଗ କରିପାରିବ ନାହିଁ ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା  6887 /1996  ଇତ୍ୟାଦି

ସି. ଡବ୍ଲ୍ୟୁ. ପି. ନମ୍ବର 7412/1993  ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ତା 16.12.93 ରିଖର ରାୟ  ତଥା ଆଦେଶରୁ

ଆବେଦନକାରୀମାନଙ୍କ ପକ୍ଷରୁ ମହାବୀର ସିଂହ ।

ପ୍ରତିବାଦୀମାନଙ୍କ ପକ୍ଷରୁ ପ୍ରଦୀପ ଗୁପ୍ତା, କେ. କେ. ମୋହନ ଏବଂ ସୁଶ୍ରୀ ନରେଶ ବକ୍ସି ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା:

ଯଦିଓ ପ୍ରତିବାଦୀମାନଙ୍କୁ ଏସ.ଏଲ.ପି.(ସି) ସଂଖ୍ୟା 21297-99/94 ରେ ନୋଟିସ ଜାରି କରାଯାଇଥିଲା, ପ୍ରତିବାଦୀ 1  ଏବଂ 4 ଓକିଲଙ୍କ ମାଧ୍ୟମରେ ହାଜର ହୋଇଛନ୍ତି । ପ୍ରତିବାଦୀ 2 ଏବଂ 3 ଙ୍କ ସମ୍ବନ୍ଧରେ, ପ୍ରାପ୍ତି ସ୍ୱୀକାରପତ୍ର କିମ୍ବା ଦିଆଯାଇ ପାରିନଥିବା ମୂଳ ନୋଟିସକୁ ଫେରସ୍ତ କରାଯାଇନାହିଁ । ସେଭଳି ପରିସ୍ଥିତିରେ ସେମାନଙ୍କୁ ନୋଟିସ ପ୍ରଦାନ କରାଯାଇଛି ବୋଲି ବିବେଚନା କରାଯିବା ଆବଶ୍ୟକ ।

ଅନୁମତି ମଞ୍ଜୁର କରାଗଲା ।

ଆବେଦନକାରୀଙ୍କ ପକ୍ଷର ଶ୍ରୀମାନ ଓକିଲ ଶ୍ରୀ ମହାବୀର ସିଂ ଯୁକ୍ତି ବାଢ଼ିଛନ୍ତି ଯେ ଚୟନ ବୋର୍ଡ ପୂର୍ବତନ ସୈନିକ ଏବଂ ପୂର୍ବତନ ସୈନିକଙ୍କ ନିର୍ଭରଶୀଳ ପିଲାମାନଙ୍କୁ ଏକାଠି ଡାକି ସେମାନଙ୍କ ମାମଲା ଗୁଡ଼ିକୁ ଯୋଗ୍ୟତା ଅନୁଯାୟୀ ବିଚାର କରିବା ପାଇଁ ଏକ ନୀତି ଗ୍ରହଣ କରିଛି ଯାହା ପୂର୍ବତନ ସୈନିକମାନଙ୍କ ପାଇଁ ଏକ ପ୍ରତିବନ୍ଧକ ହେବ । ଯୁକ୍ତିରେ ଆମ୍ଭେ ଦମ୍ଭ ପାଉଛୁ । ପୂର୍ବତନ ସୈନିକମାନଙ୍କ ସଂରକ୍ଷଣର ଉଦ୍ଦେଶ୍ୟ ଏହିକି ଯେ ପ୍ରତିରକ୍ଷା ସେବାରୁ ନିବୃତ୍ତ ହେବା ପରେ ସେମାନଙ୍କର ପୁନଃ ଥଇଥାନ କରିବା । ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ପୂର୍ବତନ ସୈନିକମାନଙ୍କ

ଉପଲବ୍ଧତାର ଅନୁପସ୍ଥିତିରେ ସେହି ପଦବୀଗୁଡ଼ିକୁ ଖାଲି ରଖିବା ପରିବର୍ତ୍ତେ, ନିର୍ଭରଶୀଳ ପିଲାମାନେ, ଯଥା ପୂର୍ବତନ ସୈନିକମାନଙ୍କ ପୁଅ କିମ୍ବା ଝିଅଙ୍କୁ ମଧ୍ୟ ବିଚାରକୁ ନିଆଯିବ । ଏତଦ୍ ଦ୍ୱାରା ଉଦ୍ଦେଶ୍ୟ ଏହା ହେବ ଯେ ଚୟନ ବୋର୍ଡ ପ୍ରଥମେ ପୂର୍ବତନ ସୈନିକମାନଙ୍କ ଦାବି ଉପରେ ବିଚାର କରିବା ଉଚିତ ଏବଂ ପୂର୍ବତନ ସୈନିକମାନଙ୍କ ନିର୍ଭରଶୀଳ ପିଲାମାନଙ୍କ ଦାବି ଉପରେ ବିଚାର କରିବା ପୂର୍ବରୁ ପ୍ରଥମେ ସେମାନଙ୍କ ଯୋଗ୍ୟତାକୁ ସ୍ୱାଧୀନ ଭାବରେ ବିଚାର କରାଯିବା ଉଚିତ । ଯଦି ସେମାନେ ଯୋଗ୍ୟ ତଥା ମନୋନୀତ ହୁଅନ୍ତି, ବଳକା ଖାଲି ପଦବୀଗୁଡ଼ିକ ପାଇଁ, ପୂର୍ବତନ ସୈନିକମାନଙ୍କର ନିର୍ଭରଶୀଳ ପିଲାମାନଙ୍କ ମଧ୍ୟରୁ ଚୟନ କରାଯିବ ।

ଏହି ମାମଲାରେ ଉଠୁଥିବା ଅନ୍ୟ ପ୍ରଶ୍ନଟି ଏହା ଯେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀମାନେ ପୂର୍ବତନ ସୈନିକମାନଙ୍କ ନିର୍ଭରଶୀଳ ବ୍ୟକ୍ତି ଭାବରେ ଆବଶ୍ୟକତାକୁ ପରିତୃଷ୍ଟ କରୁଛନ୍ତି କି? ହରିୟାଣା ସରକାର 21 ନଭେମ୍ବର, 1980 ରେ ତାଙ୍କ ଚିଠି ସଂଖ୍ୟା 12/37/79/GSII ରେ ସ୍ପଷ୍ଟ କରିଛନ୍ତି ଯେ ସରକାର 1 ଜୁଲାଇ, 1980 ରେ ଏକ ନୀତିଗତ ନିର୍ଣ୍ଣୟ ନେଇଛନ୍ତି ଏବଂ ଏହି ପଦବୀ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା, ବୟସ ଏବଂ ଅନ୍ୟାନ୍ୟ ମାନଦଣ୍ଡ ପୂରଣ କରୁଥିବା ପୂର୍ବତନ ସୈନିକମାନଙ୍କ ନିର୍ଭରଶୀଳ ପୁଅ କିମ୍ବା ଝିଅମାନଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂରଣ ହୋଇନଥିବା ପଦବୀରେ ପୂର୍ବତନ ସୈନିକମାନଙ୍କ ପାଇଁ ସଂରକ୍ଷିତ ପଦବୀ ପାଇଁ ଯୋଗ୍ୟତା ଆଧାରରେ ସେଗୁଡ଼ିକୁ ବିଚାର କରାଯାଇପାରେ । ପ୍ରାରମ୍ଭରେ ଏହା କେବଳ ନିର୍ଭରଶୀଳ ପିଲାମାନଙ୍କ ମଧ୍ୟରେ ସୀମିତ ଥିଲା । ଯେତେବେଳେ ସ୍ପଷ୍ଟୀକରଣ ମଗାଗଲା, ପ୍ରତିବାଦୀମାନଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ମାନଦଣ୍ଡର ପ୍ରସ୍ତାବ ଦିଆଯାଇଛି । ସରକାର ଏହି ବିଷୟକୁ ଅନୁଧ୍ୟାନ କରିଛନ୍ତି ଏବଂ ଜାଣିବାକୁ ପାଇଛନ୍ତି ଯେ କେବଳ ଜଣେ ବେକାର ବ୍ୟକ୍ତି ଯିଏ ଯୌଥ ପରିବାରର ସଦସ୍ୟ ଏବଂ ଋଣ ସହାୟତା ଦ୍ୱାରା ପାରିବାରିକ ସମୁଚ୍ଚୟ ଆୟରେ ଯୋଗଦାନ କରନ୍ତି କିମ୍ବା ଜଣେ ବ୍ୟକ୍ତି ଯିଏ ପୂର୍ବରୁ ସ୍ନାତକ କରିସାରିଛନ୍ତି କିମ୍ବା ସ୍ନାତକୋତ୍ତର କରୁଛନ୍ତି ଏବଂ ଅଧ୍ୟୟନ ପାଇଁ ମେଧା ଛାତ୍ରବୃତ୍ତି ପାଉଛନ୍ତି ମଧ୍ୟ ନିଯୁକ୍ତି ପାଇଁ ବିଚାର ହେବାକୁ ଯୋଗ୍ୟ । ଆବେଦନଗୁଡ଼ିକ @ ଏସ.ଏଲ.ପି. (ସି) ସଂଖ୍ୟା 1297-99/94 ରେ ଏହା ନିର୍ଦ୍ଦିଷ୍ଟ ରୂପେ ଦର୍ଶାଯାଇଛି ଯେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀମାନେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ମାନଦଣ୍ଡକୁ ପୂରଣ କରିନାହାଁନ୍ତି ଏବଂ ସେଥିପାଇଁ ସେମାନେ ବିଚାର ପାଇଁ ଯୋଗ୍ୟ ନୁହଁନ୍ତି ।

ପ୍ରତିବାଦୀଙ୍କ ତରଫରୁ ପ୍ରତି-ଜବାବ ଦାଖଲ କରାଯାଇଛି- ଚୟନ ବୋର୍ଡ ଦାବି କରିଛି ଯେ ସୈନିକ ବୋର୍ଡ ଏକ ପ୍ରମାଣପତ୍ର ଜାରି କରିଥିଲେ ଯେଉଁଥିରେ ଦର୍ଶାଯାଇଛି ଯେ ସେମାନେ ପୂର୍ବତନ ସୈନିକମାନଙ୍କ ନିର୍ଭରଶୀଳ ବ୍ୟକ୍ତି । ସେହି ଆଧାରରେ, ସେମାନେ ବିଚାର ପାଇଁ ଯୋଗ୍ୟ ହୋଇଥିଲେ । ବୋର୍ଡ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ । ଏହାର ସ୍ୱତନ୍ତ୍ର ଯାଞ୍ଚ ପାଇଁ କୌଣସି ଉତ୍ସ ନଥିଲା ଏବଂ ସେଥିପାଇଁ ସେମାନେ ସେମାନଙ୍କୁ ନିର୍ଭରଶୀଳ ଭାବରେ ଗ୍ରହଣ କରିଛନ୍ତି । ଆମ୍ଭର ମତ ଏହିକି ଯେ ବୋର୍ଡ ଏପରି ଆଭିମୁଖ୍ୟ ଗ୍ରହଣ କରିବା ଆଇନତଃ ନ୍ୟାୟସଙ୍ଗତ ନୁହେଁ । ବୋର୍ଡ ଏକ ନିଯୁକ୍ତି ସଂସ୍ଥା ହୋଇଥିବାରୁ, ମୃତ ପୂର୍ବତନ ସୈନିକମାନଙ୍କ ନିର୍ଭରଶୀଳ ପୁଅ କିମ୍ବା ଝିଅ ଭାବରେ ଦାବି କରିଥିବା ଜଣେ ପ୍ରାର୍ଥୀ ପୂର୍ବତନ ସୈନିକମାନଙ୍କ ସଂରକ୍ଷିତ ଖାଲି ପଦବୀରେ ନିଯୁକ୍ତି ପାଇଁ ପୂର୍ବରୁ ସୂଚିତ ମାନଦଣ୍ଡ ପୂରଣ କରିଛନ୍ତି କି ନାହିଁ ତାହାର ଯାଞ୍ଚ କରିବା ଏବଂ ଖୋଜିବା ଏହାର କର୍ତ୍ତବ୍ୟ । ପରିତୃଷ୍ଟ ହେବା ପରେ, ଅନ୍ୟ କାରଣକୁ ଧ୍ୟାନ ଦେବାକୁ ପଡିବ ଏବଂ ଚୟନ ପ୍ରକ୍ରିୟା କରାଯାଇପାରିବ ଏବଂ ପ୍ରାର୍ଥୀମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ ମନୋନୀତ ହୁଅନ୍ତି । ଏହା ଚୟନ ବୋର୍ଡର ପ୍ରାଥମିକ କର୍ତ୍ତବ୍ୟ ହୋଇଥିବାରୁ, ଏହା କେବଳ ସୈନିକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ଉପରେ ନିର୍ଭର କରି

ଏହାର କାର୍ଯ୍ୟକୁ ପରିତ୍ୟାଗ କରିପାରିବ ନାହିଁ, ଯାହା କେବଳ ପ୍ରାର୍ଥୀଙ୍କୁ ପୂର୍ବତନ ସୈନିକଙ୍କ ନିର୍ଭରଶୀଳ ବୋଲି ପ୍ରମାଣିତ କରୁଥିବା ଏକ ସୁପାରିଶକାରୀ କର୍ତ୍ତୃପକ୍ଷ ଅଟେ । ଏହାକୁ କେବଳ ଏକ *ପ୍ରଥମ ଦୃଷ୍ଟିଗତ* ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ । ଏହି ପ୍ରମାଣପତ୍ର *ଆପେ* ନିର୍ଣ୍ଣାୟକ ନୁହେଁ କିମ୍ବା ଏହା ପ୍ରାର୍ଥୀଙ୍କୁ ପୂର୍ବତନ ସୈନିକଙ୍କ ଉପରେ ନିର୍ଭରଶୀଳ ବୋଲି ବିବେଚନା କରିବାର ଅଧିକାର ଦେବ ନାହିଁ । ଏହା ଯାଞ୍ଚ କରିବା ବୋର୍ଡର ଦାୟିତ୍ୱ ଏବଂ ଯଦି କୌଣସି ସନ୍ଦେହ ହୁଏ, ତେବେ ବୋର୍ଡକୁ, ପ୍ରାର୍ଥୀ ନିର୍ଭରଶୀଳ ଅଟନ୍ତି ଏବଂ ନିର୍ଦ୍ଦେଶାବଳୀରେ ନିର୍ଦ୍ଧାରିତ ଆବଶ୍ୟକତାକୁ ପୂରଣ କରନ୍ତି ବୋଲି ସନ୍ତୁଷ୍ଟି କରିବାକୁ ପ୍ରାର୍ଥୀଙ୍କୁ ଡକେଇବା ଉଚିତ । ଏହି ମାମଲାରେ ଏପରି କରାଯାଇନଥିଲା ।

ଏହି ପରିସ୍ଥିତିରେ ଆବେଦନଗୁଡ଼ିକୁ ମଞ୍ଜୁରୀ ଦିଆଯାଉଛି । ଏଠାରେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରାର୍ଥୀମାନଙ୍କୁ ଡକେଇବା ଏବଂ ତା'ପରେ ଆଇନାନୁଯାୟୀ ସେମାନଙ୍କ ଆବେଦନର ପ୍ରକ୍ରିୟାକରଣ କରିବା ଏବଂ ଏହି ଆଦେଶ ପ୍ରାପ୍ତ ହେବାର ଛଅ ସପ୍ତାହ ମଧ୍ୟରେ ପୂର୍ବତନ ସୈନିକମାନଙ୍କ ପାଇଁ ସଂରକ୍ଷିତ ଖାଲି ପଦବୀ ସକାଶେ ସେମାନଙ୍କ ମାମଲା ଉପରେ ବିଚାରାର୍ଥେ ପ୍ରଥମ ପ୍ରତିବାଦୀଙ୍କୁ ଏକ ନିର୍ଦ୍ଦେଶ ଦିଆଯିବ । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**